# <u>ଶୁକ୍ରାଣୁ ଯୋଗାଣ</u>

**ଅଣତାରକା ପ୍ରଶ୍ନ ସଂଖ୍ୟା - ୨୦୪୧ - ଶ୍ରୀ ଅରୁଣ କୁମାର ସାହୁ : ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଉଚ୍ଚମାନର ଶୁକ୍ରାଣୁର ଅଭାବ ପାଇଁ ରାଜ୍ୟରେ ଗାଈ ବନ୍ଧ୍ୟା ହେଉଥିବାର ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଯଦି ହଁ ତାର ପ୍ରତିକାର କରିବା ସାଙ୍ଗକୁ ରାଜ୍ୟର ସମସ୍ତ ଜିଲ୍ଲାକୁ ଆବଶ୍ୟକ ମୁତାବକ ଶୁକ୍ରାଣୁ ପହଁଚାଇବା ପାଇଁ କ'ଣ କ'ଣ ପଦକ୍ଷେପ ନେଇଛନ୍ତି ?**

**<u>ଉତ୍ତର</u>**

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ** **ତା.୨୪.୦୯.୨୦୨୫**
**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଓଡ଼ିଶା**

ରାଜ୍ୟର ସମସ୍ତ ଜିଲ୍ଲାକୁ ଉଚ୍ଚମାନର ଆବଶ୍ୟକ ମୁତାବକ ଶୁକ୍ରାଣୁର ଅଭାବ ପାଇଁ ରାଜ୍ୟରେ ଗାଈ ବନ୍ଧ୍ୟା ହେଉଥିବାର ସୂଚନା ସରକାରଙ୍କ ଦୃଷ୍ଟି ଗୋଚର ହୋଇନାହିଁ । ରାଜ୍ୟର ସମସ୍ତ ଜିଲ୍ଲାକୁ ଉଚମାନର ଆବଶ୍ୟକ ମୁତାବକ ଶୁକ୍ରାଣୁ ଯୋଗାଇଦେବା ପାଇଁ ନିମ୍ନ ଲିଖିତ ପଦକ୍ଷେପ ମାନ ଗ୍ରହଣ କରାଯାଉଅଛି ।

୧. ଉନ୍ନତ ଆନୁବଂଶିକ ଗୁଣସମ୍ପନ୍ନ ଓ ଉଚ୍ଚଗୁଣବତ୍ତା ଥିବା ଷଣ୍ଢର ଶୁକ୍ରାଣୂ ରାଜ୍ୟର ସମସ୍ତ ଅଞ୍ଚଳରେ କୃତ୍ରିମ ପ୍ରଜନନ ପାଇଁ ବିତରଣ କରାଯାଉଅଛି ଏବଂ ବ୍ୟବହାର କରାଯାଉଛି।

୨. ପ୍ରତିବର୍ଷ ପ୍ରାୟ ୧୨ଲକ୍ଷ ଡ଼ୋଜ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶୁକ୍ରାଣୁ ବିଭିନ୍ନ ଜିଲ୍ଲାକୁ ବ୍ୟବହାର ପାଇଁ ବିତରଣ କରାଯାଏ।

୩. ରାଷ୍ଟ୍ରୀୟ ଗୋକୁଳମିଶନ ଅନ୍ତର୍ଗତ ତ୍ୱରିତ ପ୍ରଜାତି ଉନ୍ନତିକରଣ ଯୋଜନା (ABIP-SS) ମାଧମରେ, ଜର୍ସି, ଗିର୍, ସାହିୱାଲ, ଶଙ୍କର ଜାତୀୟ ଜର୍ସି, ଶଙ୍କର ଜାତୀୟ ହଲଷ୍ଟିନ୍‌ର ଲିଙ୍ଗ ନିରୂପିତ ଶୁକ୍ରାଣୁ ରାଜ୍ୟର ବିଭିନ୍ନ କୃତ୍ରିମ ପ୍ରଜନନ କେନ୍ଦ୍ରକୁ ବ୍ୟବହାର ପାଇଁ ପଠାଯାଇଛି ।

୪. ଏହି ଗାଈମାନଙ୍କର ବନ୍ଧ୍ୟାଦୋଷ ଦୂରୀକରଣ ପାଇଁ ରାଜ୍ୟ ର ପ୍ରତ୍ୟେକ ବ୍ଲକ ରେ ଗୋ-ବନ୍ଧ୍ୟା ନିରାକରଣ କ୍ୟାମ୍ପ କରାଯାଉଅଛି । ବିଗତ ୨୦୨୪-୨୫ ମସିହାରେ ୧୮୩୩ କ୍ୟାମ୍ପ କରାଯାଇ ୮୮୬୮୦ ଗାଈଗୋରୁଙ୍କ ଚିକିତ୍ସା କରଯାଇଥିଲା । ୨୦୨୫-୨୬ ମସିହାରେ ଜୁଲାଇମାସ ପର୍ଯ୍ୟନ୍ତ ୯୫୪ ଗୋଟି କ୍ୟାମ୍ପ କରାଯାଇ ୫୨୮୦୭ ଗାଈ ଗୋରୁଙ୍କ ଚିକିତ୍ସା କରାଯାଉଛି ।